## ସଂକ୍ଷେପରେ

### ଅନ୍ଧାରରେ ରହିଲେ ହଷ୍ଟେଲ ଛାତ୍ର

-ବିଦ୍ୟୁତ୍ ବିଭାଗର ଖାମଖିଆଲ ନୀତି
-ସ୍ନାନ, ଶୌଚ ପାଇଁ ଗଲେ ୨ କି.ମି. ଦୂର ଚୁଆଁ

ଟିକିରି,୨।୪(ଡି.ଏନ୍.ଏ.)- ବିଦ୍ୟୁତ୍ ବିଭାଗର ଖାମଖିଆଲ ନୀତି ଯୋଗୁ ସ୍କୁଲ ଓ ଛାତ୍ରାବାସର ପିଲାମାନେ ଅନ୍ଧାରରେ ରହିବା ସହ ବହୁ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ରାୟଗଡ଼ା ଜିଲା କାଶୀପୁର ବ୍ଲକ ସଦରସ୍ଥିତ ସରକାରୀ ହାଇସ୍କୁଲରେ ଏଭଳି ଘଟିଛି। ବିଦ୍ୟୁତ୍ ବିଲ୍ ପୈଠ ହୋଇ ନ ଥିବା ଦର୍ଶାଇ ସ୍କୁଲ ଓ ହଷ୍ଟେଲରୁ ବିଦ୍ୟୁତ୍ ସେବା ବିଚ୍ଛିନ୍ନ କରାଯାଇଥିଲା। ଫଳରେ ସ୍କୁଲ ଓ ହଷ୍ଟେଲ୍ ପିଲାମାନେ ଗୋଟିଏ ଦିନ ଗରମରେ ଛଟପଟ ହେବା ସହ ପିଇବା ପାଇଁ ପାଣି ମୁନ୍ଦାଏ ପାଇ ନ ଥିଲେ। ମୋଟର ବନ୍ଦ ଯୋଗୁ ଶୌଚାଳୟରେ ମଧ ପାଣି ଆସି ନ ଥିଲା। ହଷ୍ଟେଲ୍ ଛାତ୍ରମାନେ ଗାଧୋଇବା ଏବଂ ଶୌଚ ପାଇଁ ୨ କି.ମି. ଦୂର ଚୂଆଁ ନିକଟକୁ ଯିବାକୁ ପଡ଼ିଥିଲା। ତେବେ ସ୍କୁଲ କର୍ତ୍ତୃପକ୍ଷ ମାର୍ଚ୍ଚ ୨୩ରେ ଅଧା ଟଙ୍କା ଜମା କରିଥିଲେ ମଧ ଏହା ନ ଦେଖି ବିଦ୍ୟୁତ୍ ବିଭାଗ ପକ୍ଷରୁ ମାର୍ଚ୍ଚ ୨୮ରେ ସ୍କୁଲ ଓ ଏହା ପରିସରରେ ଥିବା ହଷ୍ଟେଲରୁ ବିଦ୍ୟୁତ୍ ସେବା ବିଚ୍ଛିନ୍ନ କରାଯାଇଥିଲା ବୋଲି ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି। ପରେ ବିଦ୍ୟୁତ୍ ବିଲ୍ ପୈଠ କରାଯାଇଥିବା ନେଇ ଅବଗତ କରାଯିବା ପରେ ମାର୍ଚ୍ଚ ୨୯ରେ ବିଦ୍ୟୁତ୍ ସେବା ସ୍ୱାଭାବିକ କରାଯାଇଥିବା ସେ କହିଛନ୍ତି। ତେବେ ବିଦ୍ୟୁତ୍ ବିଭାଗର ଖାମଖିଆଲ ନୀତି ଯୋଗୁ ଖରା ଦିନରେ ପିଲାମାନେ ଅସୁବିଧାର ସମ୍ମୁଖୀନ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ସ୍କୁଲ କର୍ତ୍ତୃପକ୍ଷ ମଧ ଦୀର୍ଘଦିନ ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲ୍ ଜମା କରି ନ ଥିବାରୁ ଛାତ୍ରୀଛାତ୍ର ଅସୁବିଧା ଭୋଗିଥିବା ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି ।

### ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଆର.ଉଦୟଗିରି,୩।୪(ଡି.ଏନ.ଏ.):** ଆର.ଉଦୟଗିରି ବ୍ଲକ ଛେଲିଗଡ ପଞ୍ଚାୟତରେ ଶନିବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବିଡିଓ ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସମାଜ ମଙ୍ଗଳ ଅଧିକାରିଣୀ କଲ୍ୟାଣୀ ଦାସ, ବ୍ଲକ ଅଧକ୍ଷ ଲକ୍ଷ୍ମୀ ନାରାୟଣ ଶବର, ଉପାଧ୍ୟକ୍ଷା ବିଜୟ ଲକ୍ଷ୍ମୀ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟା ଯମୁନା ଦଳବେହେରାଙ୍କ ସମେତ ଆର.ଉଦୟଗିରି ଶିଶୁ ବିକାଶ ଅଧିକାରିଣୀ ଉପସ୍ଥିତ ରହି ଉପସ୍ଥିତ ଜନସାଧାରଣଙ୍କୁ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ବିଭିନ୍ନ ଗ୍ରାମରୁ ଆସିଥିବା ହିତାଧିକାରୀଙ୍କର ସମସ୍ୟା, ଅଭିଯୋଗଗୁଡିକୁ ଶୁଣି ସମାଧାନ କରାଯିବ ବୋଲି ବ୍ଲକ ଅଧକ୍ଷ ଶବର କହିଥିଲେ। ଏଥିସହ ଏକ ସ୍ୱାସ୍ଥ୍ୟ ଶିବିରରେ ୭୮ ଜଣଙ୍କୁ ମାଗଣା ଚିକିତ୍ସା କରାଯାଇଥିଲା। ୨୫ ଜଣ ଲୋକଙ୍କୁ ସ୍ମାର୍ଟ କାର୍ଡ ନିମନ୍ତେ ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରୁ ୬ ଜଣଙ୍କୁ ଅତିଥିମାନଙ୍କ ଦ୍ୱାରା ୟୁଡିଆଇ କାର୍ଡ ବଣ୍ଟନ କରାଯାଇଥିଲା। ଶିବିରରେ ବ୍ଲକ ଅଞ୍ଚଳର ଶତାଧିକ ଭିନ୍ନକ୍ଷମ ଉପସ୍ଥିତ ରହି ଏହାର ସୁଯୋଗ ନେବାସହ ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ଦ୍ୱାରା ପ୍ରମାଣପତ୍ର ପାଇଁ ଦରଖାସ୍ତ କରିଥିଲେ। ବିଭାଗ ପକ୍ଷରୁ ବିଭିନ୍ନ ଉପକରଣ ପାଇଥିଲେ। ଶିବିରରେ ଦୃଷ୍ଟି ବାଧିତ, ଭତ୍ତା ପରିବାର ମଙ୍ଗଳ ଯୋଜନା, ବିବାହ ପ୍ରୋତ୍ସାହନ, ଆୟ ପ୍ରମାଣ ପତ୍ର ସହ ବିଭିନ୍ନ ଦିବ୍ୟାଙ୍ଗ ପ୍ରମାଣ ପତ୍ର ଗୁଡ଼ିକ ହାସଲ କରିଥିଲେ। କାର୍ଯ୍ୟକ୍ରମକୁ ବିଏସଏସଓ ଅରୁଣ ଉଦୟ ଭାନୁ ପରିଚାଳନା କରିଥିଲେ।

### ସାପକାମୁଡାରେ ବାଳିକାଙ୍କ ମୃତ୍ୟୁ

**କେନ୍ଦୁଝର, ୩।୪ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଅନ୍ତର୍ଗତ ଦ୍ୱାରିକାପଶି ଗାଁ ଦୀନବନ୍ଧୁ ସେଠୀଙ୍କ ଝିଅ ଜ୍ୟୋତ୍ସ୍ନାରାଣୀ(୧୨)ଙ୍କ ସାପ କାମୁଡାରେ ମୃତ୍ୟୁ ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଜ୍ୟୋତ୍ସ୍ନାରାଣୀ ଗତ ଶନିବାର ରାତିରେ ଘର ଅଗଣାରେ ପରିବାର ଅନ୍ୟ ୪ଜଣ ସଦସ୍ୟଙ୍କ ସହ ଶୋଇଥିଲେ। ରାତି ପ୍ରାୟ ୨ଟା ବେଳେ ଏକ ଚିତି ସାପ ତାଙ୍କୁ କାମୁଡି ଦେଇଥିଲା। ଏନେଇ ସେ ପରିବାର ଲୋକଙ୍କୁ ଉଠାଇ ଜଣାଇଥିଲେ। ତାଙ୍କୁ ରାତିରେ ଚିକିତ୍ସା ପାଇଁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳୁ ତାଙ୍କର ମୃତ୍ୟୁ ହୋଇଯାଇଛି। ମୃତ ବାଳିକାଙ୍କ ମୃତଦେହ ବ୍ୟବଚ୍ଛେଦରେ ବିଳମ୍ବ ହେବାରୁ କିଛି ସମୟ ପାଇଁ ମେଡିକାଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଘଟଗାଁ ପୋଲିସ ମୃତ ବାଳିକାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଉମରକୋଟର ପ୍ରଜ୍ଞା ରାଜ୍ୟରେ ଦ୍ୱିତୀୟ

**ବିଜ୍ଞାନ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ପାରସ୍ପରିକ ଆଲୋଚନା ଚକ୍ର**

ଉମରକୋଟ,୩।୪(ସ୍ୱ.ପ୍ର.)

ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ଭୁବନେଶ୍ୱରଠାରେ ମାର୍ଚ୍ଚ ୩୦ରୁ ଏପ୍ରିଲ୍ ୧ ପର୍ଯ୍ୟନ୍ତ ବିଜ୍ଞାନ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ପାରସ୍ପରିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ନବରଙ୍ଗପୁର ଜିଲା ଉମରକୋଟ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରର ଛାତ୍ରୀ କୁମାରୀ ପ୍ରଜ୍ଞା ପଟ୍ଟନାୟକ ରାଜ୍ୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସପ୍ତମ ଶ୍ରେଣୀ ଛାତ୍ରୀ ପ୍ରଜ୍ଞା 'ଭୂତାଣୁ ନିରୋଧୀ କାର୍ଡ' ପ୍ରକଳ୍ପ ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି। ମୁଖ୍ୟ ଅତିଥି ତଥା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ପଣ୍ଡା ଓ ଆର୍ଏମ୍ଆର୍ସିର ନିର୍ଦ୍ଦେଶିକା ଡ. ସଂଘମିତ୍ରା ପତିଙ୍କ ଠାରୁ ମାନପତ୍ର ଓ ପୁରସ୍କାର ଗ୍ରହଣ କରି ଛାତ୍ରୀ ନିଜ ସ୍କୁଲ ଓ ଜିଲା ପାଇଁ ଗୌରବ ଆଣିଛନ୍ତି। ପ୍ରଜ୍ଞା ହେଉଛନ୍ତି ଶିକ୍ଷକ ତ୍ରିପତି ପଟ୍ଟନାୟକଙ୍କ ଝିଅ। କାର୍ଯ୍ୟକ୍ରମରେ ବିଜ୍ଞାନ ଏକାଡେମୀର ସଭାପତି ପ୍ରଫେସର ବିଭୂତି ଭୁଷଣ ମିଶ୍ର, ସମ୍ପାଦକ ଇଂ. ନରେନ୍ଦ୍ର କୁମାର ପଣ୍ଡା, ବରିଷ୍ଠ ଇଞ୍ଜିନିୟର ମାୟାଧର ସ୍ୱାଇଁ, ପ୍ରଫେସର୍ ଶ୍ରୀରୂପ ଗୋସ୍ୱାମୀ ଯୋଗ ଦେଇଥିଲେ। ପ୍ରଜ୍ଞାଙ୍କ ସଫଳତା ନେଇ ଉମରକୋଟରେ ଖୁସିର ଲହରି ଖେଳିଯାଇଛି। ସେ ପଢୁଥିବା ସ୍କୁଲର ଛାତ୍ର ଓ ଶିକ୍ଷକମାନେ ପ୍ରଜ୍ଞାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅନ୍ୟପକ୍ଷରେ ନିଜ ସଫଳତା ପାଇଁ ସ୍କୁଲର ସମସ୍ତ ଗୁରୁମା ଓ ଗୁରୁଜୀଙ୍କୁ କୃତଜ୍ଞତା ଜଣାଇଛନ୍ତି।



# ୨୦ ଜଣଙ୍କୁ ଓଡ଼ିଆ ସାହିତ୍ୟ ସେବା ସମ୍ମାନ

**ଶ୍ରୀ ତୁଳସୀ ପତ୍ରିକାର ଚତୁର୍ଦ୍ଦଶ ସଂସ୍କରଣ ଉନ୍ମୋଚିତ**

କୋଷାଗୁମୁଡ଼ା,୩।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ଉତ୍କଳ ସାହିତ୍ୟ ପରିଷଦ ଆନୁକୁଲ୍ୟରେ ସ୍ଥାନୀୟ ସରକାରୀ ହାଇସ୍କୁଲରେ ରବିବାର ଶ୍ରୀ ତୁଳସୀ ପତ୍ରିକାର ଚତୁର୍ଦ୍ଦଶ ସଂସ୍କରଣ ଉନ୍ମୋଚିତ ହୋଇଛି। କାର୍ଯ୍ୟକ୍ରମରେ କବି, ସାମାଜିକ କର୍ମୀ, ବରିଷ୍ଠ ନାଗରିକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି ଅବସରରେ 'ଉତ୍କଳୀୟ ଭାଷା ଓ ସଂସ୍କୃତି ଏକ ବିହଙ୍ଗ ଅବଲୋକନ' ବିଷୟବସ୍ତୁକୁ ନେଇ କବିତା ପାଠ କରାଯାଇଥିଲା । ଉତ୍କଳୀୟ ଭାଷା ଓ ସଂସ୍କୃତି ଉପରେ ଯୁବପିଢ଼ି ଗୁରୁତ୍ୱ ଦେଲେ ହିଁ ଭାଷା ଓ ସଂସ୍କୃତି ବଞ୍ଚିରହିବ। ଓଡ଼ିଆ ଜାତିର ସମ୍ମାନ ପାଇଁ ଏହା ନିହାତି ଆବଶ୍ୟକ ବୋଲି କବିମାନେ ମତପ୍ରକାଶ କରିଛନ୍ତି। ଉପାନ୍ତ ଅଞ୍ଚଳରେ ରହି ମଧ ପ୍ରତ୍ୟେକ ବର୍ଷ ପତ୍ରିକାର ଉନ୍ମୋଚନ କରାଯାଉଥିବାରୁ ସମସ୍ତ କବି ଉତ୍କଳ ସାହିତ୍ୟ ପରିଷଦର ପ୍ରଚେଷ୍ଟାକୁ ପ୍ରଶଂସା କରିଛନ୍ତି। ଏଠାରେ ୨୦ ଜଣଙ୍କୁ ଓଡ଼ିଆ ସାହିତ୍ୟ ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ପତ୍ରିକାର ସମ୍ପାଦକ ସହଦେବ ପରିଡ଼ା ସ୍ୱାଗତ ଭାଷଣ ରଖିଥିଲେ। ସଭାପତି କୈଳାଶ ନାୟକଙ୍କ ସଭପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ପ୍ରଦୀପ କୁମାର ନାଗ, ମୁଖ୍ୟବକ୍ତା ବିଜୟ କୁମାର ଚୌଧୁରୀ, ସମ୍ମାନିତ ଅତିଥି ଅମିତା ରାୟ, ପବିତ୍ର ହଲଦାର, ଦୁର୍ଗା ପ୍ରସାଦ ପାଢ଼ୀ ଯୋଗ ଦେଇଥିଲେ। ଦିତୀୟ ଅଧିବେଶନରେ ରମେଶ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଜଗଦୀଶ ତ୍ରିପାଠୀ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ରୂପେ ପ୍ରଦୀପ୍ତ କୁମାର ଷଡ଼ଙ୍ଗୀ, ମନୋରମା ମହାପାତ୍ର ଯୋଗ ଦେଇଥିଲେ। ନଳିନୀକାନ୍ତ ପାତ୍ର ଓ ସ୍ମିତା ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଆଜିଠୁ ପ୍ରସିଦ୍ଧ ନବଦିନାତ୍ମକ ଠାକୁରାଣୀ ଯାତ୍ରା

ଉମରକୋଟ,୩।୪(ସ୍ୱ.ପ୍ର.)-

ଉମରକୋଟର ପ୍ରସିଦ୍ଧ ଚୈତ୍ର ଠାକୁରାଣୀ ସୋମବାରଠାରୁ ଆରମ୍ଭ ହେଉଛି। କରୋନା କଟକଣା ଯୋଗୁ ଦୁଇ ବର୍ଷ ହେଲା ଯାତ୍ରା ନିରାଡମ୍ବରରେ ଅନୁଷ୍ଠିତ ହେଉଥିଲା ଚଳିତ ଥର ନବଦିନାତ୍ମକ ଯାତ୍ରା ଅନୁଷ୍ଠିତ ହେବ। ଏହାକୁ ନେଇ ଏବେ ସହର ଚଳଚଞ୍ଚଳ ହୋଇଛି। ମହା ଆଡମ୍ବରରେ ଏଥର ଠାକୁରାଣୀଙ୍କ କଳସ ଯାତ୍ରା ଅନୁଷ୍ଠିତ ହେବ।

ନବଦିନାତ୍ମକ ଯାତ୍ରା ସମୟରେ ସହରର ସମସ୍ତ ସାହି ଓ ଆଖ ପାଖ ଗ୍ରାମକୁ ମାଁଙ୍କ କଳସ ଓ ବିମାନ ପରିକ୍ରମା କରିଥାଏ। ମାଁଙ୍କ ଆଗମନକୁ ନେଇ ଲୋକେ ବେଶ ଉତ୍ସାହିତ ଅଛନ୍ତି। ଠାକୁରାଣୀଙ୍କ ପ୍ରିୟ ଭୋଗ ମୁଆଁ ଏବଂ ପଣା। ମନୋସ୍କାମନା ରଖିଥିବା ବ୍ୟକ୍ତି ବିଭିନ୍ନ ପ୍ରକାର ଭୋଗ, ଫଳ, ପୁଷ୍ପ ସିନ୍ଦୁର ଚୁଡ଼ି ଆଦି ମାଁଙ୍କୁ ଅର୍ପଣ କରିଥାନ୍ତି। ପରମ୍ପରା ଅନୁଯାୟୀ, ପ୍ରଥମ ଦିନରେ ମାଁ ଠାକୁରାଣୀ ଝରିଗାଁ ରୋଡ଼ସ୍ଥିତ ମଙ୍ଗଳା ମନ୍ଦିରକୁ ଯାଇ ଜଗନ୍ନାଥ ମନ୍ଦିର ନିକଟସ୍ଥ ବିଶ୍ରାମ ଗୃହରେ ରହିବେ। ମଙ୍ଗଳବାର ସେଠାରେ ରହି ସମସ୍ତଙ୍କୁ ଦର୍ଶନ ଦେବେ ଏବଂ ବୁଧବାର ନଗର ପରିକ୍ରମା କରିବେ। କଳସ ଯାତ୍ରା ପାଇଁ ମାଉସୀ ମାଁ ମନ୍ଦିର ନିକଟରେ ମାଁଙ୍କ ଏକ ସ୍ୱତନ୍ତ୍ର ଆସ୍ଥାନ ରହିଛି। ପ୍ରତ୍ୟେକ ଦିନ ସହର ପରିକ୍ରମା କରି ସେହି ଆସ୍ଥାନରେ ବିଶ୍ରାମ ନେଇଥାନ୍ତି। ଏହି ଅବସରରେ କଳସ ଯାତ୍ରା ପାଇଁ ପୂଜା କମିଟି ଗଠନ କରାଯାଇଛି। ପି. ରାବଣା ରାଓଙ୍କୁ ସର୍ବସମ୍ମତି କ୍ରମେ କମିଟିର ସଭାପତି ମନୋନୀତ କରାଯାଇଛି। ନବାଦିନାତ୍ମକ ଯାତ୍ରାରେ ବିଭିନ୍ନ ଅସ୍ଥାୟୀ ଦୋକାନ ବଜାର ଖୋଲିଥାଏ ଏବଂ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ପଡ଼ୋଶୀ ରାଜ୍ୟରୁ ଅନେକ ବ୍ୟବସାୟୀ ଏଠାକୁ ଆସି ପସରା ମେଲାଇଥାନ୍ତି। ପଡ଼ୋଶୀ ଆନ୍ଧ୍ର, ଛତିଶଗଡ଼, ମହାରାଷ୍ଟ୍ର, ଭଳି ରାଜ୍ୟରୁ ବିଭିନ୍ନ ହାତ ତିଆରି ଘର ଉପକରଣ ଏଠାକୁ ବିକ୍ରି ପାଇଁ ଆସିଥାଏ। ଏହି ଯାତ୍ରା ଅବିଭକ୍ତ କୋରାପୁଟ ଜିଲାରେ ଏକ ବଡ଼ ଯାତ୍ରାଭାବେ ପରିଚିତ।

# ସ୍ୱଚ୍ଛତା ପଖୱାଡ଼ାରେ ଚିକିତ୍ସାଳୟ ପରିସର ସଫେଇ

ନବରଙ୍ଗପୁର,୩।୪ (ବି.ପ୍ର.)

ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲାରେ ସ୍ୱଚ୍ଛତା ପଖୱାଡ଼ା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ଏହି କାର୍ଯ୍ୟକ୍ରମ ହୋଇଛି।

ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. କାହ୍ନୁ ଚରଣ ପାତ୍ରଙ୍କ ତତ୍ତ୍ୱାବଧାନରେ ଜିଲା ସ୍ୱାସ୍ଥ୍ୟ ସମିତିର ଅଧିକାରୀ ଓ କର୍ମଚାରୀମାନେ ଚିକିତ୍ସାଳୟ ପରିସରରେ ସଫେଇ କାର୍ଯ୍ୟ କରିଥିଲେ। ଚିକିତ୍ସାଳୟ ପରିସରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ନିମନ୍ତେ ଶପଥ ନେଇଥିଲେ। ଏହି ଅବସରରେ ଏକ ସଚେତନତା ସଭା ମଧ ସ୍ଥାନୀୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଥିଲା। ସ୍ୱଚ୍ଛତା ଦିଗରେ ପଦକ୍ଷେପ ସ୍ୱରୂପ ସ୍ୱଚ୍ଛତା ପକ୍ଷ ପାଳନ ସମୟରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାପାଇଁ ଏଥିରେ ନିଷ୍ପତ୍ତି ନିଆଯାଇଛି। ସ୍ୱଚ୍ଛ ଭାରତ ଅଭିଯାନରେ ହସ୍ପିଟାଲ ପରିବେଶ ନିର୍ମଳ ରଖିବା ନିମନ୍ତେ ବାର୍ତ୍ତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ଚିକିତ୍ସାଧିକାରୀ କାଳିପ୍ରସାଦ ବେହେରା, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଳୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଚାଲିଛି।

# ୨୩.୫ କେଜି ଗଞ୍ଜେଇ ଜବତ, ୩ ଗିରଫ

ରାୟଗଡ଼ା ଅଫିସ/ବିଷମକଟକ, ୩।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ଥାନା ପୋଲିସ ଯାନବାହନ ଯାଞ୍ଚବେଳେ ଶନିବାର ୨୩.୫ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ହେମନ୍ତ ମାଝି(୨୮), ସୁଶାନ୍ତ ମାଝି(୨୦) ଏବଂ ସଞ୍ଜୟ କୁସଲିଆ(୩୮)। ସୂଚନା ଅନୁଯାୟୀ, ସ୍ଥାନୀୟ ଖ୍ରୀଷ୍ଟିଆନ ହସ୍ପିଟାଲ ଛକରେ ପୋଲିସ ଯାନବାହନ ଯାଞ୍ଚବେଳେ ଦୁଇ ଗାଡ଼ିକୁ ସନ୍ଦେହରେ ଅଟକାଇଥିଲା। ଗାଡ଼ି ଦୁଇଟି ଅଟକିବା ବଦଳରେ ଦ୍ରୁତଗତିରେ ମୁନିଗୁଡ଼ା ଅଭିମୁଖେ ଚାଲିଯାଇଥିଲେ। ଏସ୍ଆଇ ପି. ନାୟକଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଗାଡ଼ିର ପିଛା କରି ୪ କି.ମି. ଦୂରରେ ଅଟକାଇବାରେ ସଫଳ ହୋଇଥିଲେ। ଏହି ଘଟଣାରେ ୩ ଜଣ ଗିରଫ ହୋଇଥିବାବେଳେ ଅନ୍ୟ ଜଣେ ଫେରାର ଅଛନ୍ତି। ଅଭିଯୁକ୍ତଙ୍କ ନିକଟରୁ ୪ ମୋବାଇଲ୍ ଏବଂ ୨ ହଜାର ୧୧୦ ଟଙ୍କା ଜବତ କରାଯାଇଛି। ଏ ନେଇ ୫୧/୨୨ ରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି।

### ଶ୍ମଶାନରେ ନଳକୂପ ଖୋଳାଗଲା

କେନ୍ଦୁଝର, ୩।୪(ଡି.ଏନ୍.ଏ.)

କେନ୍ଦୁଝର ରୋଟାରୀ କ୍ଲବ ପକ୍ଷରୁ ସଦର ବ୍ଲକ ହଳଦିଆଗୁଣା ସ୍ଥିତ ଏମ୍ଏସ୍ପି କାରଖାନାର ଆର୍ଥିକ ସହାୟତାରେ ମଣ୍ଡୁଆସ୍ଥିତ ଶ୍ମଶାନରେ ଏକ ନଳକୂପ ଖୋଳାଯାଇଛି। ଶେଷକୃତ୍ୟ ପାଇଁ ଶ୍ମଶାନକୁ ଆସୁଥିବା ଲୋକ ପାଣି ପାଇଁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଏମ୍ଏସ୍ପିର ସିଏସ୍ଆର୍ କାର୍ଯ୍ୟକ୍ରମରେ ୧ଲକ୍ଷ ଟଙ୍କା ଖର୍ଚ୍ଚରେ ରୋଟାରୀ କ୍ଲବ କେନ୍ଦୁଝର ଆନୁକୂଲ୍ୟରେ ନଳକୂପ ଖୋଳାଯାଇଛି। ରୋଟାରୀ କ୍ଲବର ସଭାପତି ଡ. ରାଜେନ୍ଦ୍ର କୁମାର ପଲେଇ, ରୋଟାରିୟାନ୍ ତଥା ଏମ୍ଏସ୍ପି କାରଖାନାର ସିଇଓ ଦେବବ୍ରତ ସ୍ୱାଇଁ, ସଞ୍ଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁଇ ଟ୍ରକ୍ ମଧ୍ୟରେ ଦୁର୍ଘଟଣା, ଅଳ୍ପକେ ବର୍ତ୍ତିଲେ ଚାଳକ

ରାୟଗଡ଼ା ଅଫିସ,୩।୪

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ ଜେକେପୁର ଭେଙ୍କଟେଶ୍ୱର ମନ୍ଦିର ସମ୍ମୁଖ ଉଠାଣିଆ ରାସ୍ତାରେ ରବିବାର ଦୁଇ ଟ୍ରକ୍ ମଧ୍ୟରେ ଦୁର୍ଘଟଣା ଘଟିଛି। ଏକ ମାଛ ବୋଝେଇ ଟ୍ରକ୍କୁ ପଛରୁ କାଠ ବୋଝେଇ ଟ୍ରକ୍ ଧକ୍କା ଦେଇଥିଲା। ତେବେ ସୌଭାଗ୍ୟ ବସତଃ ଦୁଇ ଗାଡ଼ିର ଚାଳକ ବର୍ତ୍ତିଯାଇଛନ୍ତି।

ଘଟଣାରୁ ପ୍ରକାଶ, ଆନ୍ଧ୍ରର ଭିମାବରମ୍ରୁ ରାୟଗଡ଼ା ଅଭିମୁଖେ ଯାଉଥିବା ମାଛ ବୋଝେଇ ଟ୍ରକ୍କୁ ୩୨୬ ନମ୍ବର ଜାତୀୟ ରାଜପଥରେ ପଛରୁ ଆସୁଥିବା ଜେକେ କାଗଜକଳର କାଠ ବୋଝେଇ ଟ୍ରକ୍ ଧକ୍କା ଦେଇଥିଲା। କାଠ ଗାଡ଼ି ଭାରସାମ୍ୟ ହରାଇବାରୁ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଏଥିରେ ମାଛ ବୋଝେଇ ଟ୍ରକ୍ର ଚାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ତେବେ ଦୁର୍ଘଟଣା ଯୋଗୁ ରାଜପଥ ଉପରେ ଗାଡ଼ିର ଇଞ୍ଜିନ୍ ତେଲ ପଡ଼ିଥିବାରୁ ଏହି ରାସ୍ତାରେ ଯାଉଥିବା କେତେଜଣ ବାଇକ୍ ଚାଳକ ଖସି ପଡ଼ିଯିବା ଦେଖିବାକୁ ମିଳିଥିଲା। ଚାନ୍ଦିଲି ଥାନା ପୋଲିସ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ୨ ଟ୍ରକ୍କୁ ରାସ୍ତାରୁ ହଟାଇ ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

# ବଂଶଧାରା କୂଳରେ ନିର୍ମାଣ ହେବ ପୁଷ୍କର ଘାଟ



ବିଧାୟକ ପୁଷ୍କର ଘାଟ ନିର୍ମାଣ ନିମନ୍ତେ ଶିଳାନ୍ୟାସ କରୁଛନ୍ତି।

**ପିତୃ ପୁରୁଷଙ୍କୁ ପିଣ୍ଡଦାନ ସହ ବୁଡ଼ ଅନୁଷ୍ଠିତ ହୋଇପାରିବ**

ଗୁଡ଼ାରି,୩।୪(ଡି.ଏନ୍.ଏ.)–

ରାୟଗଡ଼ା ଜିଲା ଗୁଡ଼ାରିସ୍ଥିତ ବଂଶଧାରା ନଦୀ କୂଳରେ ପୁଷ୍କର ଘାଟ ନିର୍ମାଣ ନିମନ୍ତେ ରବିବାର ଶିଳାନ୍ୟାସ କରାଯାଇଛି। ମୁଖ୍ୟ ଅତିଥିଭାବେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ଏବଂ ସମ୍ମାନିତ ଅତିଥି ରୂପେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର ଦାସ, ଗୁଡାରି ଏନ୍ଏସି ଅଧକ୍ଷା ଶର୍ମିତା ଶବର ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ଦକ୍ଷିଣ ଓଡ଼ିଶାର ଏକମାତ୍ର ତ୍ରିବେଣୀ ସଙ୍ଗମ ଶୈବପୀଠ ମିନଝୋଲା ପ୍ରସିଦ୍ଧି ଅର୍ଜନ କରିଛି। ବଂଶଧାରା, ଫଳଫଳିଆ ଓ ଚାଉଳଧୁଆ ନଦୀ ମିଶ୍ରଣ ହୋଇ ଗୁଡ଼ାରି ଦେଇ ପ୍ରବାହିତ ହେଉଛି। ତେଣୁ ଗୁଡ଼ାରିଠାରେ ଏକ ପୁଷ୍କର ଘାଟ ନିର୍ମାଣ ହେଲେ ଏଠାରେ ମଧ ପିତୃ ପୁରୁଷଙ୍କୁ ପିଣ୍ଡଦାନ ସହ ବୁଡ଼ ଅନୁଷ୍ଠିତ ହୋଇପାରିବ। ଏହି ପୁଷ୍କର ଘାଟ ଦକ୍ଷିଣ ଓଡ଼ିଶାର ଏକ ମାତ୍ର ପୁଷ୍କର ଘାଟ ହେବ। ଏ ବିଷୟରେ ବିଧାୟକ ରଘୁନାଥ ଗମାଙ୍ଗ କହିଛନ୍ତି, ଗୁଡ଼ାରିବାସୀ ଆମକୁ ଭୋଟ ଦେଇ ବିଶ୍ୱାସ କରିଛନ୍ତି ତେଣୁ ଅଞ୍ଚଳର ବିକାଶ ନିଶ୍ଚୟ କରିବୁ ବୋଲି ସେ କହିଛନ୍ତି।

# ମୁନିଗୁଡ଼ାରେ ଜାଲ୍ ୨ହଜାର ଟଙ୍କିଆ ନୋଟ

ମୁନିଗୁଡ଼ା,୩।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ସହରରେ ନକଲି ଟଙ୍କା। ଅଭିନବ ଉପାୟରେ ଜଣେ ବ୍ୟବସାୟୀଙ୍କୁ ନକଲି ୨୦୦୦ ଟଙ୍କା ଦେଇ ଜଣେ ବ୍ୟକ୍ତି ଠକେଇ କରିଥିବା ଜଣାପଡ଼ିଛି। ଏହା ପରେ ବ୍ୟବସାୟୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ମୁନିଗୁଡ଼ାର ବ୍ୟବସାୟୀ ସୁରେନ୍ଦ୍ର ପାତ୍ର ଶନିବାର ନିଜ ଗାଡ଼ିରେ ଘରକୁ ଫେରୁଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ତାଙ୍କୁ ଅଟକାଇଥିଲେ। ଆପଣଙ୍କ ପୁଅକୁ ୧୦୦୦ ଟଙ୍କା ଦେବାର ଥିଲା କହି ବ୍ୟକ୍ତି ଜଣଙ୍କ ୨ ହଜାର ଟଙ୍କିଆ ନୋଟ ବଢ଼ାଇଥିଲେ। ବ୍ୟବସାୟୀ ଜଣଙ୍କ ତାଙ୍କୁ ୧ହଜାର ଟଙ୍କା ଫେରାଇଥିଲେ। ଘରକୁ ଫେରି ବ୍ୟବସାୟୀ ଜଣଙ୍କ ଉକ୍ତ ନୋଟ ଜାଲ୍ ବୋଲି ଜାଣିବାକୁ ପାଇଥିଲେ। ଜାଲ୍ ନୋଟ ଦେଇଥିବା ବ୍ୟକ୍ତିଙ୍କୁ ସେ ଖୋଜିଥିଲେ ମଧ ଆଉ ପାଇ ନ ଥିଲେ। ତେବେ ଏ ନେଇ ପୋଲିସ ନିକଟରେ କୌଣସି ଅଭିଯୋଗ ହୋଇ ନ ଥିବା ମୁନିଗୁଡ଼ା ଥାନା ଅଧିକାରୀ ସୁଜ୍ଞାନି ସାହୁ କହିଛନ୍ତି। ତଥାପି ସେ ଘଟଣା ନେଇ ଅନୁସନ୍ଧାନ କରିବେ ବୋଲି ସେ କହିଛନ୍ତି।

# ବିଶେଷଜ୍ଞ ଡାକ୍ତର ଟିମ୍ ପହଞ୍ଚି ନମୁନା ସଂଗ୍ରହ କଲେ

■ ନେହୁରା ପଞ୍ଚାୟତରେ ଗୋରୁ ମଡ଼କ
■ ଖବର ପ୍ରକାଶ ପରେ ବିଭାଗର ତତ୍ପରତା

ଉମରକୋଟ,୩।୪(ସ୍ୱ.ପ୍ର.)

ଉମରକୋଟ ବ୍ଲକ ନେହୁରା ପଞ୍ଚାୟତର କେତୋଟି ଗ୍ରାମରେ ଗୋରୁ ଅଜଣା ରୋଗରେ ପୀଡ଼ିତ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି। ଏ ନେଇ ନେହୁରା ସରପଞ୍ଚ ଉର୍ମିଳା ଭତ୍ରାଙ୍କ ଅଭିଯୋଗ କ୍ରମେ ଗତ ୧ ତାରିଖରେ ଖବର ପ୍ରକାଶ ପାଇଥିଲା। ଏହାପରେ ପଶୁ ସମ୍ପଦ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।

ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ରମେଶ ଚନ୍ଦ୍ର ସାହୁ, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସକ ଡା. ଗଙ୍ଗାଧର ରାଉଳ ଏବଂ ଉମରକୋଟ ପ୍ରାଣୀ ଚିକିତ୍ସା ବିଭାଗ ଡା. ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ସହ ଏକ ଟିମ୍ ଶନିବାର ଅଞ୍ଚଳକୁ ଯାଇ ଅନୁଧ୍ୟାନ କରି ଫେରିଛନ୍ତି। ଏଥିସହ ଭୁବନେଶ୍ୱରସ୍ଥିତ ପ୍ରାଣୀ ରୋଗ ଗବେଷଣା କେନ୍ଦ୍ରରୁ ଡାକ୍ତର ଗୋପାଳ ବାଲା, ଡାକ୍ତର ପାର୍ଥସାରଥୀଙ୍କ ସମେତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ମିଳିତ ଭାବେ ନେହୁରା ପଞ୍ଚାୟତର ବଡ଼ଗାଁ, ବାଉଁଶବେଡ଼ା, ବୁଟେଙ୍ଗାଗୁଡ଼ା ଓ ନିକଟବର୍ତ୍ତି ଗ୍ରାମକୁ ଯାଇ ରୋଗାକ୍ରାନ୍ତ ଗୋରୁଙ୍କ ରକ୍ତ, ଗୋବର ଏବଂ ନାକରୁ ନିର୍ଗତ ପଦାର୍ଥର ନମୁନା ସଂଗ୍ରହ କରି ଫେରିଥିବା ଜଣାପଡ଼ିଛି। ତେବେ କେଉଁ କାରଣରୁ ଗୋରୁଙ୍କ ମୃତ୍ୟୁ ଘଟୁଛି ତାହା ଚିହ୍ନଟ କରିପାରିନାହାନ୍ତି। ପରୀକ୍ଷା ପରେ ପରବର୍ତ୍ତୀ କାରଣ ଜଣାପଡ଼ିବ ବୋଲି ଟିମ୍ ପକ୍ଷରୁ ଜଣାପଡ଼ିଛି। ଅପରପକ୍ଷେ ଗୋରୁମାନଙ୍କୁ ଟୀକା ଦିଆଯାଇଥିବାବେଳେ ରୋଗ ନିୟନ୍ତ୍ରଣରେ ଥିବା ଜଣାପଡ଼ିଛି। ଭୁବନେଶ୍ୱରରୁ ନମୁନା ପରୀକ୍ଷା ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଡା. ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି। ପଶୁ ସମ୍ପଦ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ପରେ ଅଞ୍ଚଳବାସୀ ଆଶ୍ୱସ୍ତ ହୋଇଛି।

### 'ସହରବାସୀଙ୍କ ସୁବିଧା ପାଇଁ କାର୍ଯ୍ୟ କରିବି'

**ଦାୟିତ୍ୱ ନେଲେ ଗୁଡାରି ଏନ୍ଏସି ଅଧକ୍ଷା**



ଗୁଡାରି,୩।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଡାରି ଏନ୍ଏସିର ନୂତନ ଅଧକ୍ଷାଭାବେ ଶର୍ମିତା ଶବର ରବିବାର ଏନ୍ଏସି କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପରିଷଦର ୧୧ କାଉନ୍ସିଲର ମଧ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶୋଭା ଭୂଷଣ ଶବର, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ରାୟଗଡ଼ା ଜିଲା ବିଜେଡ଼ି ସଭାପତି ସଧୀର ଦାସ, ଦଳୀୟ ନେତା ସନ୍ତୋଷ ମହାନ୍ତିଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସହରବାସୀଙ୍କ ସୁବିଧା ନିମନ୍ତେ କାର୍ଯ୍ୟ କରିବି ବୋଲି ନୂତନ ଅଧକ୍ଷା ଦାୟିତ୍ୱ ଗ୍ରହଣ ଅବସରରେ କହିଥିଲେ। ଦାୟିତ୍ୱ ଗ୍ରହଣ ପରେ ନୂତନ ଅଧକ୍ଷା ଗୁଡ଼ାରି ସହରର ୧୨୦ ହିତାଧିକାରୀଙ୍କୁ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସେହିପରି ସହରର ବିକାଶ ନିମନ୍ତେ ଏନ୍ଏସି ଜରିଆରେ ଅନେକ ଯୋଜନା କରାଯିବ ବୋଲି ବିଜେଡି ନେତା ସନ୍ତୋଷ ମହାନ୍ତି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କେଦାର ସାହୁ, ଏମ୍. ପ୍ରସାଦ, କେ. ରାଜା, ଅଶୋକ ପାତ୍ର, ଈଶ୍ୱର ପାଣିଗ୍ରାହୀ, ଦିଲୀପ ସାହୁ, ଚନ୍ଦ୍ର ପଣ୍ଡା, ଟୁନା ଗୌଡ଼ଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

### ୪ ଜୁଆଡ଼ି ଗିରଫ

**ପଦ୍ମପୁର, ୩।୪ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବାଲିମେଦ ମେଲଣ ପଡ଼ିଆରେ ଯାତ୍ରା ଚାଲିଥିବା ବେଳେ ଏହା ପାଖ ପଡ଼ିଆରେ ଜୁଆ ଖେଳ ଚାଲିଥିଲା। ନାୟକାଣିଡିହୀ ପୋଲିସ ଚଢ଼ାଉ କରି ୪ ଜୁଆଡ଼ିଙ୍କୁ ଗିରଫ କରିଛି। ଏନେଇ ଥାନାରେ ମାମଲା (ନଂ.୮୪/୨୨) ରୁଜୁ କରାଯାଇଛି। ସୂଚନା ଅନୁଯାୟୀ, ଉକ୍ତ ପଡ଼ିଆରେ ଜୁଆଖେଳ ଚାଲିଥିବା ଖବର ପାଇ ଥାନାଧିକାରୀ ସୁଶାନ୍ତ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ବିଜୟ କୁମାର ଦାସମହାପାତ୍ର ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ମିଶି ଚାରିପଟୁ ଘେରିଯାଇଥିଲେ। ଜୁଆ ଗୋଟି ଦାନ, ନଗଦ ୨୭ଶହ ଟଙ୍କା ଜବତ ସହ ୪ ଜୁଆଡ଼ିଙ୍କୁ ଗିରଫ କରିଥିଲେ।

### ନାବାଳିକା ଅପହରଣ ଅଭିଯୋଗ

**ପଦ୍ମପୁର, ୩।୪ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ନବମ ଶ୍ରେଣୀରେ ପଢୁଥିବା ନାବାଳିକା ଜଣଙ୍କ ଶନିବାର ଟିଉଶନରୁ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ଆଡ଼େ ଖୋଜାଖୋଜି କରି କୌଣସି ସନ୍ଧାନ ନ ପାଇବାରୁ ନାୟକାଣିଡିହୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଏକ ମାମଲା(ନଂ.୮୨/୨୨) ରୁଜୁ କରି ତଦନ୍ତ ଚଳାଇଛି।

### ଦୁର୍ଘଟଣାରେ ବ୍ୟବସାୟୀ ମୃତ

**ବାହାନଗା,୩।୪(ଡି.ଏନ.ଏ.)** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ବଜାରର ଯୁବ ବ୍ୟବସାୟୀ ଅଜୟ କୁମାର ବାରିକଙ୍କର ଏକ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଗୋପାଳପୁର ବଜାରର ଫାଣ୍ଡି ଆଡ଼କୁ ଚାଲିଚାଲି ଯାଉଥିବାବେଳେ ସଲ୍ଟରୋଡ୍ ଅନନ୍ତପୁର ପଟୁ ବାଲେଶ୍ୱର ଯାଉଥିବା ଏକ ବାଇକ୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ।

